## ସଂକ୍ଷେପରେ

### ଦିଗପହଣ୍ଡି ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ ହଇଗୋଳ

ଦିଗପହଣ୍ଡି,୧୯।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୁଣାଣି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଯମୁନା ନାୟକ, ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ, ଜିଲା ସାମାଜିକ ସମୀକ୍ଷକ ରବୀନ୍ଦ୍ରନାଥ ମଲାଣ, ବ୍ଲକ ସହକାରୀ ଯନ୍ତ୍ରୀ ଇଂ. ରାଜୀବ ଚନ୍ଦ୍ର ପ୍ରଧାନ, ଯୋଗାଣ ନିରୀକ୍ଷକ ବ୍ରଜେଶ୍ୱର ରାଏ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ପରିପ୍ରେକ୍ଷୀରେ ବଡଡୁମୁଲା ପଞ୍ଚାୟତ ଡାମଣା ପଦର ଗ୍ରାମ ଖଜୁରିବନ୍ଧ ପୋଖରୀ ଖନନରେ ଦୁର୍ନୀତି ଓ ବିଭିନ୍ନ ପଞ୍ଚାୟତରେ ମୃତକଙ୍କ ନାମରେ ଚାଉଳ ଉଠାଣ, ଗଡ଼ଗୋବିନ୍ଦପୁର ଗ୍ରାମର ଜଣେ ମୃତକଙ୍କ ନାମରେ ଅନ୍ତ୍ୟୋଦୟ କାର୍ଡରେ ମାସିକ ୩୫ କେଜି ଚାଉଳ ଓଟିପି ଦ୍ୱାରା ଉଠାଣ ହୋଇଥିବା ନେଇ ବ୍ଲକ ସାମାଜିକ ସମୀକ୍ଷକ ଶଙ୍କର ମିଶ୍ର ରିପୋର୍ଟ ଉପସ୍ଥାପନ କରିଥିଲେ ; ଯାହାକୁ ନେଇ ଜନ ଶୁଣାଣିରେ ହଇଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିସହ କରପଡା ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ଓ ଜକର ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ ପ୍ରଧାନ ରାଶନ କାର୍ଡରୁ ବାଦ୍ ପଡ଼ିଥିବା ହିତାଧିକାରୀଙ୍କ ପାଇଁ ନୂତନ ରାଶନ କାର୍ଡ ହୋଇପାରୁ ନ ଥିବାରୁ ବିଭାଗୀୟ ଅଧିକାରୀଙ୍କୁ ପ୍ରଶ୍ନ କରିଥିଲେ। ବ୍ଲକରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ରାଶନ କାର୍ଡ ହୋଇଥିବା ଯୋଗୁ ତା'ର ସାଇଟ୍ ଖୋଲିପାରୁନାହିଁ ବୋଲି ଯୋଗାଣ ନିରୀକ୍ଷକ ସୂଚନା ଦେଇଥିଲେ। ପରେ ଉପସ୍ଥିତ ମୃତ୍ତିକା ସଂରକ୍ଷଣ, ବନବିଭାଗ ଓ ଉଦ୍ୟାନ କୃଷି ବିଭାଗୀୟ ଅଧିକାରୀଙ୍କ ସହ ସବିଶେଷ ଆଲୋଚନା କରାଯାଇଥିଲା। ଜନଶୁଣାଣିରେ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ପଞ୍ଚାୟତର ଜନ ପ୍ରତିନିଧି ଉପସ୍ଥିତ ରହିଥିବା ବେଳେ ଅନ୍ୟ କିଛି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଉପସ୍ଥିତ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ।

### ଲୋକକଳା ମାଧ୍ୟମରେ ସଚେତନତା

ଶେରଗଡ଼,୧୯।୨(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ଼ ୨୨ ପଞ୍ଚାୟତର ଛକ ଜାଗା ଗୁଡ଼ିକରେ ଚାଲିଛି ଲୋକକଳା ମାଧ୍ୟମରେ ସଚେତନତା। ପଞ୍ଚାୟତର ବିଭିନ୍ନ ଗ୍ରାମରେ ଥିବା ଭାରତଲୀଳା, କୃଷ୍ଣଲୀଳା, ରାମଲୀଳା, ଦାସକାଠିଆ, ଘଂଟସ୍ଥଳ, ନୃତ୍ୟ, ମୃଦଙ୍ଗସ୍ଥଳରେ ଦଳର କର୍ମକର୍ତ୍ତାଗଣ ବେଶ ପରିଧାନ କରି ସଚେତନତା କରୁଛନ୍ତି। ବ୍ଲକ ଲୋକକଳାସଂଘ ପକ୍ଷରୁ ୬୦ରୁ ଅଧିକ ଦଳ ଗ୍ରାମ ଗ୍ରାମ ବୁଲି ସରକାରଙ୍କ ୧୫ ସଫଳ ଯୋଜନା ସମ୍ପର୍କରେ ସଚେତନ କରୁଛନ୍ତି। ଏପରକି କଳା ସଂସ୍କୃତିର ବିକାଶ ପାଇଁ ଲୋକମାନଙ୍କ ସହଯୋଗ ମଧ୍ୟ ମାଗୁଛନ୍ତି। ବ୍ଲକର ଶେରଗଡ, କୃଷ୍ଣଛାଇ, ତା କରଡା, ଧବଳପୁର, ଗୋବିନ୍ଦପୁର, ଠୁରୁବୁରାଇ,ବନ୍ଧାଗୁଡା,ବର ମୁଣ୍ଡଲୀ, କରଡାକଣା, କୁଲାଗଡ, ମହୁପଦର, ନରେନ୍ଦ୍ରପୁର, ପିତ୍ତଳ, ତହଂର, ଗୋଠଗାଁ, ଅଲାରିଗଡ଼ ସମେତ ବ୍ଲକର ସମସ୍ତ ପଞ୍ଚାୟତର ସମସ୍ତ ଗ୍ରାମଗୁଡ଼ିକରେ ଏହି ସଚେତନତା ପଥପ୍ରାନ୍ତ ମାଧ୍ୟମରେ ଚାଲିଛି।

# ଆଜିଠୁ ନୂଆ ହିତାଧିକାରୀ ପାଇବେ ଭତ୍ତା

ଛତ୍ରପୁର,୧୯।୨(ସନ୍ତୋଷ ପାଢୀ)

## ପର୍ଯ୍ୟାପ୍ତ ଅର୍ଥ ରଖିବାକୁ ବ୍ୟାଙ୍କଙ୍କୁ ଚିଠି

ଗଞ୍ଜାମ ଜିଲାରେ ମଧୁବାବୁ ପେନ୍‌ସନ ଯୋଜନାରେ ଚୟନ ହୋଇଥିବା ନୂଆ ହିତାଧିକାରୀମାନଙ୍କୁ ମଙ୍ଗଳବାରଠାରୁ ଭତ୍ତା ବଣ୍ଟନ ଶୁଭାରମ୍ଭ ହେବ । ଭତ୍ତା ବଣ୍ଟନ ୨୫ ତାରିଖ ସୁଦ୍ଧା ସାରିବାକୁ ରାଜ୍ୟ ସରକାରଙ୍କଠାରୁ ନିର୍ଦ୍ଦେଶନାମା ଆସିଛି । ଜିଲାରେ ପ୍ରାୟ ୪୯ ହଜାର ନୂଆ ହିତାଧିକାରୀ ଏହି ଭତ୍ତା ପାଇବେ। ଏଥିସହ ଭତ୍ତା ୫୦୦ରୁ ୧ହଜାର ଟଙ୍କା ସରକାର ବୃଦ୍ଧି କରିଛନ୍ତି। ତେଣୁ ସମସ୍ତ ହିତାଧିକାରୀ ଅଧିକ ୫୦୦ ଟଙ୍କା ଭତ୍ତା ବାବଦରେ ପାଇବେ । ଏହାକୁ ଶୃଙ୍ଖଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ୨୦ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ମଧୁବାବୁ ପେନସନ ଯୋଜନାରେ ଭତ୍ତା ଟଙ୍କା ବଣ୍ଟନ କରାଯିବାକୁ ଥିବାରୁ ବ୍ୟାଙ୍କଗୁଡିକୁ ପର୍ଯ୍ୟାପ୍ତ ନଗଦ ଟଙ୍କା ଗଚ୍ଛିତ ରଖିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଇସିଆଇସିଆଇ ବ୍ୟାଙ୍କ ଓ ଭାରତୀୟ ଷ୍ଟେଟ ବ୍ୟାଙ୍କକୁ ଚିଠି କରାଯାଇଛି। ଏସମ୍ପର୍କରେ ଜିଲାପାଳଙ୍କୁ ମଧ ଚିଠି ଦ୍ୱାରା ଅବଗତ କରାଯାଇଛି । ମଧୁବାବୁ ପେନସନ ଯୋଜନାରେ ନଗଦ ଟଙ୍କା ହିତାଧିକାରୀମାନଙ୍କୁ ବଣ୍ଟାଯିବ । ତେବେ ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ହିତାଧିକାରୀମାନଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରାଯିବ ବୋଲି ସୂଚନା ଦିଆଯାଇଛି । ଜାତୀୟ ସାମାଜିକ ସୁରକ୍ଷା ଯୋଜନାରେ ପେଣ୍ଡିଂ ଥିବା ହିତାଧିକାରୀଙ୍କ ଆବେଦନକୁ ବିଚାରକୁ ନେଇ ମଧୁବାବୁ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଜିଲାପାଳଙ୍କୁ ଚିଠି ଆସିଛି । ଜାତୀୟ ଯୋଜନାରେ କେନ୍ଦ୍ର ସରକାର ଭତ୍ତା ବାବଦରେ ୫୦୦ ଟଙ୍କା ଓ ରାଜ୍ୟ ସରକାର ବଳକା ୫୦୦ ଟଙ୍କା ଲେଖାଏ ଦେବେ । ମାର୍ଚ୍ଚ ମାସରୁ ଜନସେବା ଦିବସ ପାଳନ କରି ଏହି ଭତ୍ତା ବଣ୍ଟାଯିବ ବୋଲି ସୂଚନା ଦିଆଯାଇଛି ।

# ଭଞ୍ଜନଗରରେ ମିଳିତ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି ଚାଲିଛି।

ଭଞ୍ଜନଗର,୧୯।୨(ବାବୁଲା ପ୍ରଧାନ)

ଭଞ୍ଜନଗର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ଜନ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଅତିରିକ୍ତ ଜିଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ଅନିଲ କୁମାର ସେଠୀ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲାପରିଷଦ ପ୍ରତାପ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଫୁଲ୍ଲ କୁମାର ବଡ଼ଜେନା ଏହି ଅଭିଯୋଗ ଶୁଣାଣିରେ ସମୁଦାୟ ୩୪୫ଟି ଅଭିଯୋଗପତ୍ର ଗ୍ରହଣ କରିଥିଲେ। ସେଥିରେ ବ୍ୟକ୍ତିଗତ ଅଭିଯୋଗ ୩୨୦ଟି ଥିବାବେଳେ, ୨୫ଟି ଗ୍ରାମୀଣ ଅଭିଯୋଗ ଥିଲା। ଅତିରିକ୍ତ ଜିଲାପାଳ ତ୍ୱରିତ ୨ଟି ଅଭିଯାଗର ଫଇସଲା କରିଥିଲେ। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨ ଜଣଙ୍କୁ ୫ହଜାର ଟଙ୍କା ଲେଖାଏ ଦିଆଯାଇଥିଲା। ଅଭିଯାଗ ଶୁଣାଣି ସମୟରେ ଅତିରିକ୍ତ ଜିଲାପାଳ ଗ୍ରହଣ କରିଥିବା ଆବେଦନ ଗୁଡିକର ଶୁଣାଣି କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ନିର୍ଦ୍ଦେଶ ଦେଇଥିଲେ। ଭଞ୍ଜନଗର ଅତିରିକ୍ତ ଉପଜିଲାପାଳ ବିଶ୍ୱ ରଞ୍ଜନ କର, ଭଞ୍ଜନଗର ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ଜିଲାପାଳ ଦିପ୍ତିମଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ପରିକ୍ରମା ପ୍ରକଳ୍ପ ଦେଖିବାକୁ ଗଲେ ଶ୍ରଦ୍ଧାଳୁ



ବସ୍‌ରେ ପୁରୀ ଯାତ୍ରା କରିବା ପାଇଁ ଅପେକ୍ଷାରତ ଶ୍ରଦ୍ଧାଳୁମାନେ ।

ଛତ୍ରପୁର,୧୯।୨(ଦିଲୀପ ସାମଲ):

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦେଖିବା ପାଇଁ ଛତ୍ରପୁର ଏନ୍‌ଏସି ଓ ବ୍ଲକର ବହୁ ଜଗନ୍ନାଥପ୍ରେମୀ ସୋମବାର ସକାଳୁ ପୁରୀ ଯାଇଛନ୍ତି । ଛତ୍ରପୁର ଏନ୍‌ଏସି କାର୍ଯ୍ୟାଳୟରେ ଏନଏସି ପକ୍ଷରୁ ଶ୍ରଦ୍ଧାଳୁଙ୍କ ଗାଡିଗୁଡିକୁ ସ୍ଥାନୀୟ ବିଧାୟକ ସୁବାସ ଚନ୍ଦ୍ର ବେହେରା ଓ ଛତ୍ରପୁର ଏନଏସି ଉପାଧକ୍ଷ ଜି. ପାପା ରାଓ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏନଏସିର ବିଭିନ୍ନ ୱାର୍ଡରୁ ୨୦ ଜଣ ଲେଖାଏ ଜଗନ୍ନାଥ ପ୍ରେମୀ ଶ୍ରୀମନ୍ଦିର ଯାତ୍ରା କରିଛନ୍ତି । ଏହି ଶୁଭାରମ୍ଭ ବେଳେ ଛତ୍ରପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ୟାସିର ବିଲ୍ଲାଲ ଅହମ୍ମଦ, କାଉନସିଲର ଦେବାଶିଷ ମିଶ୍ର, କେ. ରମେଶ, ଟି. ଗଣେଶ ରେଡ୍ଡୀ,ସନ୍ତୋଷୀ ସେଠି ଓ ପ୍ରୀତିଛନ୍ଦା ସାମଲଙ୍କ ସମେତ ଅନ୍ୟାନ୍ୟ କାଉନସିଲର ଏବଂ ଏନଏସି କର୍ମଚାରୀମାନେ ଉପସ୍ଥିତ ଥିଲେ । ସେହିପରି ଛତ୍ରପୁର ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥାନୀୟ ନୂଆ ବସଷ୍ଟାଣ୍ଡ ଠାରେ ବସଗୁଡ଼ିକୁ ବିଧାୟକ ବେହେରା ଓ ବ୍ଲକ ଅଧକ୍ଷା କିରଣ କୁମାରୀ ଦାସ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଛତ୍ରପୁର ବିଡ଼ିଓ ସୁଶାନ୍ତ କୁମାର ବରାଳ,ପୂର୍ବତନ ଜିଲା ପରିଷଦ ସଭ୍ୟ ମୁନା ଦାସ, ସଭ୍ୟା ଛବିତା ବେହେରା, ବି. ସୁଦାମ, ବି. ଲକ୍ଷ୍ମୀପାତ୍ର, ଗଗନ ବେହେରା, ରବୀନ୍ଦ୍ର ରାଉଳ, ସମିତି ସଭ୍ୟା ସୁଜ୍ଞାନୀ ସେଠି, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଓ ମଥୁରା ଚରଣ ସୁବୁଦ୍ଧି,ଅଭିରାମ ପ୍ରଧାନ, ସନ୍ତୋଷ ବେହେରା, ଟିକିନା ଗୌଡ଼, ମାଗୁଣି ବିଷୋୟୀ, ବି. ଚନ୍ଦ୍ରମଣି ପାତ୍ରଙ୍କ ସମେତ ବହୁ ସରପଞ୍ଚ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ ।

### ଏମ୍‌କେସିଜି ମେଡିକାଲର ସଂପ୍ରସାରଣ ହେବ ଖର୍ଚ୍ଚ ହେବ ୯୫୦ କୋଟି

ଛତ୍ରପୁର,୧୯।୨(ସନ୍ତୋଷ ପାଢୀ)– ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ ଓ ହସ୍ପିଟାଲର ସଂପ୍ରସାରଣ କରାଯିବ। ଏଥିଲାଗି ୯୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୬ ତାରିଖରେ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ସଂପ୍ରସାରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ ବୋଲି ସୂଚନା ଦିଆଯାଇଛି। ଏଥିଲାଗି ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗଞ୍ଜାମ ଜିଲାପାଳଙ୍କୁ ଚିଠି ଆସିଛି । ସୂଚନାଯୋଗ୍ୟ, ଗତ ୨ ଦିନ ପୂର୍ବେ ୫-ଟି ଉପକ୍ରମରେ ରୂପାନ୍ତରିତ ହୋଇଥିବା ଗଞ୍ଜାମ ଜିଲାର ୧୩ଟି ହସ୍ପିଟାଲକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଥିଲେ।

### କାର ଧକ୍କାରେ ସାଇକେଲ ଆରୋହୀ ମୃତ ଘଟଣା, ଡ୍ରାଇଭର ଗିରଫ

ଖଲ୍ଲିକୋଟ,୧୯।୨(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଗୁରାପଲ୍ଲୀ ଟୋଲଗେଟ ନିକଟରେ କାର ଧକ୍କାରେ ରବିବାର ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟଣାରେ ପୋଲିସ କାର ଚାଳକଙ୍କୁ କୋର୍ଟ ଚାଲାଣ କରିଛି। ଗୁରାପଲ୍ଲୀ ଗ୍ରାମର କେ ଲକ୍ଷଣ ପାତ୍ର (୪୮) ରବିବାର ରାତିରେ ସାଇକେଲ ଯୋଗେ ଘରକୁ ଫେରୁଥିବା ବେଳେ ଗୁରାପଲ୍ଲୀ ଟୋଲଗେଟ ନିକଟରେ କେଶପୁରରୁ ଭୁବନେଶ୍ୱର ଦିଗରେ ଯାଉଥିବା ଏକ କାର ତାକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଲକ୍ଷଣଙ୍କ ମୃତ୍ୟୁ ଘଟିଥିଲା। ଭେଜିପୁଟ ପୋଲିସ କାରକୁ ଜବତ କରିବା ସହ ଡ୍ରାଇଭରକୁ ଅଟକ ରଖିଥିଲା।

# ଶୋଭନୀୟ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ



ଉତ୍ସବରେ ଉପସ୍ଥିତ ଅତିଥି।

ବୁଗୁଡ଼ା,୧୯।୨(କାଳିଚରଣ ଦାଶ)

ସ୍ଥାନୀୟ ଶୋଭନୀୟ ପବ୍ଲିକ ସ୍କୁଲର ଦ୍ୱାଦଶତମ ବାର୍ଷିକ ଉତ୍ସବ ସୋମବାର ସ୍ୱପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗିତାଞ୍ଜଳୀ ପାଢୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡଃ ସୁବାସ ଚନ୍ଦ୍ର ପରିଡ଼ା, ଗୋଷ୍ଠୀ ଶିକ୍ଷାଧିକାରୀ ଚିନ୍ମୟ କୁମାର ମହାପାତ୍ର, ପୋଲିସ ଏସ୍‌ଆଇ ବିନାୟକ ବିଧାର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନିଷ୍ଠାପର ଭାବେ ଅଧ୍ୟୟନ କରି ଭବିଷ୍ୟତରେ ସୁନାଗରିକ ହେବା ସକାଶେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍କୁଲ ପରିଚାଳନା ନିର୍ଦ୍ଦେଶକ ୟୁ.ଅରବିନ୍ଦ ପାତ୍ର ଅତିଥି ପରିଚୟ ପ୍ରଦାନ ଓ ପ୍ରିନ୍ସପାଲ ସୁକନ୍ୟା ଦାଶ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ପରିଶେଷରେ ଭାଇସ-ପ୍ରିନ୍ସପାଲ ସନ୍ତୋଷୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

# ମୌଳିକ ସମସ୍ୟା ସମାଧାନ ଦାବିରେ ବ୍ଲକ, ତହସିଲ ଘେରାଉ



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ।

ଦିଗପହଣ୍ଡି,୧୯।୨(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବଡଡୁମୁଲା ଗ୍ରାମ ଦଳିତ ସାହିର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦାବିରେ ସୋମବାର ସାହି ବାସିନ୍ଦାଙ୍କ ପକ୍ଷରୁ ଦିଗପହଣ୍ଡି ବ୍ଲକ ଓ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଇଂ. ଉତ୍ତମ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସାହିର ବହୁ ସଂଖ୍ୟକ ମହିଳା ଓ ପୁରୁଷ ଉକ୍ତ କାର୍ଯ୍ୟାଳୟ ଦ୍ୱୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଗ୍ରାମରେ ରହିଥିବା ଅପରିଷ୍କାର ଓ ଦଳଭର୍ତ୍ତି ପୋଖରୀର ପୁନରୁଦ୍ଧାର, ବାହ୍ୟ ମଳତ୍ୟାଗ ଦ୍ୱାରା ପରିବେଶ ଦୂଷିତ ହେବା ସଙ୍ଗେ ସଙ୍ଗେ ବିପର୍ଯ୍ୟସ୍ତ ପରିମଳ ବ୍ୟବସ୍ଥାର ସ୍ଥାୟୀ ସମାଧାନ, ପ୍ରତ୍ୟେକ ପରିବାରକୁ ପାଇଖାନା ନିର୍ମାଣ ନିମନ୍ତେ ଅନୁଦାନ ମଞ୍ଜୁର କରାଯିବା, ଆବର୍ଜନା ଓ ବର୍ଷା ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା କରାଯିବା ପାଇଁ ସ୍ଥାନୀୟ ତହସିଲଦାର ଅଶୋକ କୁମାର ତ୍ରିପାଠୀ ଏବଂ ବିଡିଓ ଡ. ଚିତ୍ତରଞ୍ଜନ ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଗ୍ରାମରେ ଦଳିତ ଲୋକମାନେ ଦୀର୍ଘ ୭୦ ବର୍ଷ ଧରି ଗ୍ରାମର ବାସିନ୍ଦା ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ହିତାଧିକାରୀଙ୍କୁ ନିଜସ୍ୱ ଘର ଓ ଜାଗା ପଟ୍ଟାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏପରିକି ସେମାନଙ୍କ ସନ୍ତାନମାନେ ପାଠ ପଢା କ୍ଷେତ୍ରରେ ବାସିନ୍ଦା ସାର୍ଟିଫିକେଟ ନପାଇ ନାନାଦି ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ବେଳେ ଏହାର ସ୍ଥାୟୀ ସମାଧାନ ଦାବିରେ ତହସିଲଦାରଙ୍କ ସହ ଆଲୋଚନା କରିବା ସହ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ପ୍ରଶାସନ ମୌଳିକ ସମସ୍ୟାର ସମାଧାନ ପ୍ରତି ଦୃଷ୍ଟି ନ ଦିଅନ୍ତି ତେବେ ଆନ୍ଦୋଳନକୁ ଜୋରଦାର କରାଯିବା ସହ ଭୋଟ ବର୍ଜନ କରାଯିବ ବୋଲି ବାସିନ୍ଦା ଚେତାବନୀ ଦେଇଛନ୍ତି।

# ସ୍ୱର୍ଣ୍ଣ ପଦକ ବିଜେତା ରାକେଶଙ୍କୁ ଶୁଭେଚ୍ଛା

ଗଞ୍ଜାମ,୧୯।୨(ବିଦ୍ୟାଧର ସାହୁ)



ସ୍ୱର୍ଣ୍ଣ ପଦକ ବିଜେତା ରାକେଶ।

ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳ ପଡିଆରେ ରାଜ୍ୟ ସ୍ତରୀୟ ବଡ଼ିବିଲ୍ଡିଂ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ୬୦ କେଜିରେ ଗଞ୍ଜାମ ସହର ମଧଖଣ୍ଡ ସାହିର ରାକେଶ କୁମାର ପଣ୍ଡା ସ୍ୱର୍ଣ୍ଣ ପଦକ ଜିତି ନିଜ ଜିଲା ପାଇଁ ଗୌରବ ଆଣିଛନ୍ତି। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ଜିଲା ଓ ରାଜ୍ୟର ୨୦ ଜଣ ଭାଗ ନେଇଥିଲେ। ୱାର୍ଡ ନଂ ୨ ମଧଖଣ୍ଡ ସାହି ରବି ପଣ୍ଡାଙ୍କ ପୁଅ ରାକେଶ ଆଗାମୀ ଦିନରେ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇ ରାଜ୍ୟ ପାଇଁ ଗୌରବ ଆଣିବାକୁ ଲକ୍ଷ୍ୟ ରଖିଥିବା ନିଜ ପ୍ରତିକ୍ରିୟାରେ କହିଛନ୍ତି। ପିଲାଟି ଦିନରୁ ବଡ଼ିବିଲ୍ଡିଂ ପ୍ରତି ରୁଚି ରଖିଥିବା ରାକେଶ ରାଜ୍ୟରେ ବିଭିନ୍ନ ପ୍ରତିଯୋଗିତାରେ ମଧ ସଫଳ ହୋଇଛନ୍ତି। ରାକେଶଙ୍କ ଏହି ସଫଳତା ପରେ ତାଙ୍କୁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଜେଡି ଏନ୍‌ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ବିଜେଡି ଯୁବନେତା ଜିତୁ ପଣ୍ଡା, ଉପନଗରପାଳ ସୁରେନ୍ଦ୍ର କୁମାର ବାରିକି, ପୂର୍ବତନ ଉପନଗରପାଳ ନୀଳାଞ୍ଚଳ ବାରିକି, ନଗର ବିଜେଡି ସଭାପତି ରଙ୍କନାଥ ପଲାଇ ପ୍ରମୁଖ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ

ବୁଗୁଡ଼ା,୧୯।୨(କାଳିଚରଣ ଦାଶ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ସ୍ଥାନୀୟ ଏନ୍‌ଏସି କଲ୍ୟାଣୀ ମଣ୍ଡପ ପରିସରରେ ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ସୋମବାର ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ବିକାଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁନନ୍ଦ ଶେଖର ସାହାଣୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧକ୍ଷ ଚିତ୍ରସେନ ପ୍ରଧାନ ଓ ଉପାଧକ୍ଷା ଗୀତାଞ୍ଜଳି ପାଢ଼ୀ, ତହସିଲଦାର ତାପସ ରାଉତ ପ୍ରମୁଖ ଯୋଗଦେଇ ସହରୀ କାର୍ଯ୍ୟକ୍ରମ ମାଧ୍ୟମରେ ୱାର୍ଡ ଗୁଡିକର ବିକାଶ ସକାଶେ ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ ଜନହିତକର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସହରର ବିକାଶ ଓ ସୁନ୍ଦର କରି ଗଢି ତୋଳିବା ପାଇଁ ୱାର୍ଡବାସୀ ଏବଂ କାଉନସିଲରଙ୍କ ଉଦ୍ୟମ ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କାଉନସିଲରଙ୍କ ସମେତ ବାସିନ୍ଦାମାନଙ୍କ ସମେତ ଏସ୍‌ଏଚ୍‌ଜି ମହିଳାଗଣ ଯୋଗ ଦେଇଥିଲା ବେଳେ ଏହାକୁ ଏନ୍‌ଏସି କର୍ମଚାରୀ ଦ୍ୱିତୀକୃଷ୍ଣ ସାହୁ, ବିଭୁ ରାଉତରାୟ, ବିନୋଦ କୁମାର ସ୍ୱାଇଁ, ଅଶୋକ ସାହୁ ଓ ରଞ୍ଜନ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

# 'ଆମ ଗଣତାନ୍ତ୍ରିକ ବ୍ୟବସ୍ଥା କେତେ ସଫଳ' ଆଲୋଚନାଚକ୍ର

ଭଞ୍ଜନଗର,୧୯।୨(ବାବୁଲା ପ୍ରଧାନ)




ମଞ୍ଚାସୀନ ଅତିଥି ବୃନ୍ଦ।

ଭଞ୍ଜନଗର ବ୍ଲକ ବାଉଁଶଲୁଣ୍ଡିରେ ରବିବାର "ଆମ ଗଣତାନ୍ତ୍ରିକ ବ୍ୟବସ୍ଥା କେତେ ସଫଳ?" ପ୍ରସଙ୍ଗଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନ ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଥମେ ଅନୁଷ୍ଠାନର ପୂର୍ବତନ ସଭାପତି କିଶୋର ଚନ୍ଦ୍ର ପ୍ରଧାନଙ୍କ ବିୟୋଗରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ଆଇଜୀବୀ ବୈଦ୍ୟନାଥ ସାହୁ ମୁଖ୍ୟ ଅତିଥି, ଅବସର ପ୍ରାପ୍ତ ଶିକ୍ଷକ ବନମାଳି ଲେଙ୍କା ସମ୍ମାନିତ ଅତିଥି ଓ ଅବସର ପ୍ରାପ୍ତ ଅଧ୍ୟାପକ ତପନ କୁମାର ମିଶ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ କହିଥିଲେ ଯେ, ଗଣତନ୍ତ୍ର ଏକ ଜୀବନଧାରା। ନିରପେକ୍ଷ ସମ୍ବାଦ ପରିବେଷଣ, ବିରୋଧୀ ଦଳର ପ୍ରତ୍ୟକ୍ଷ ସକ୍ରିୟ ଭୂମିକା, ନିରପେକ୍ଷ ନ୍ୟାୟପାଳିକା ଓ ସଚ୍ଚୋଟ କାର୍ଯ୍ୟପାଳିକା ସହିତ ନାଗରିକମାନଙ୍କ ସଚେତନତା ସଫଳ ଗଣତନ୍ତ୍ରର ଉପଲବ୍ଧିରେ ସହାୟକ ହୋଇଥାଏ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଦ୍ମଚରଣ ପ୍ରଧାନ, ଦିବାକର ଲେଙ୍କା, ଆଇନୀଜୀବୀ ଅଭିମନ୍ୟୁ ଗୌଡ଼, ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ବୈଦ୍ୟ ପ୍ରଧାନ ପ୍ରମୁଖ ଅଂଶ ଗ୍ରହଣ କରି ଗଣତନ୍ତ୍ରର ସଫଳତା ପାଇଁ ନିରପେକ୍ଷ ନିର୍ବାଚନ କମିଶନର ଅପରିହାର୍ଯ୍ୟ ବୋଲି କହିଥିଲେ। ଧନୀ ଗରିବ ମଧ୍ୟରେ ଥିବା ପାର୍ଥକ୍ୟ ତଥା ସାମାଜିକସ୍ତରରେ ଥିବା ସଂକୀର୍ଣ୍ଣ ଜାତିଆଣ ଭେଦଭାବ,ବହୁ ଆଗରୁ ପ୍ରଚଳିତ ସାମନ୍ତବାଦୀ ଚିନ୍ତାଧାରା, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରି ବିଜ୍ଞାନ ସମ୍ମତ ଶିକ୍ଷାର ପ୍ରସାର କରାଯାଇ ସଚେତନ ନାଗରିକ ସୃଷ୍ଟି କରିପାରିଲେ ଗଣତନ୍ତ୍ର ସଫଳ ହୋଇପାରିବ। ଏଥିସହ ପ୍ରତ୍ୟେକ ନାଗରିକ ନିଜ ଅଧିକାର ସହିତ କର୍ତ୍ତବ୍ୟ ପ୍ରତି ସଚେତନ ହେବା ଆବଶ୍ୟକ ବୋଲି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ଜୟରାମ ଗୌଡ଼ , ମୋହନ ସାହୁ, ମନୁ ଗୌଡ଼, ପଞ୍ଚାନନ ସାହୁ, ଭଞ୍ଜକିଶୋର ପ୍ରଧାନ, ଅବସର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀ ନାରାୟଣ ନାୟକ, ଆଇନଜୀବୀ ଲକ୍ଷ୍ମୀ ପ୍ରାସାଦ ରାଉତ, ନୃସିଂହ ଚରଣ ସାହୁ ଓ ସମାଜିକ କର୍ମୀ ଉଲା ସେଠୀ, ସନ୍ୟାସୀ ପ୍ରଧାନ, ତ୍ରିଲୋଚନ ପ୍ରଧାନ, ପ୍ରସନ୍ନ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଭଞ୍ଜକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ସଂକ୍ଷେପରେ

### ଗାଡି ଧକ୍କାରେ ପୂର୍ବତନ ସିଆରସିସିଙ୍କ ମୃତ୍ୟୁ

ଛତ୍ରପୁର,୧୯।୨(ଦିଲୀପ ସାମଲ): ଗଞ୍ଜାମ ବ୍ଲକର ପୂର୍ବତନ ସିଆରସିସି ତଥା ସହକାରୀ ଶିକ୍ଷକ ଦେବହରି ବେହେରାଙ୍କ କୌଣସି ଏକ ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଦେବହରି କରପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ସୋମବାର ସକାଳେ କାରମେଲ ରୋଡସ୍ଥିତ ନିଜ ବାସଭବନରୁ ପ୍ରାତଃଭ୍ରମଣ ପାଇଁ ସ୍ଥାନୀୟ କଲେଜ ଛକ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଯାଉଥିବା ବେଳେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଖବରପାଇ ଛତ୍ରପୁର ଦମକଳ କର୍ମଚାରୀମାନେ ପହଞ୍ଚି ଗୁରୁତର ଅବସ୍ଥାରେ ଦେବହରିଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ନେଇଥିଲେ। ସେଠାରୁ ତାଙ୍କୁ ବ୍ରହ୍ମପୁର ବଡମେଡିକାଲକୁ ନିଆଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ। ଗଞ୍ଜାମ ବିଇଓ ଭାଗିରଥୀ ବେହେରା, ଅନ୍ୟ ଶିକ୍ଷୟତ୍ରୀ ଶିକ୍ଷକମାନେ ତାଙ୍କର ଶେଷ ଦର୍ଶନ କରିଛନ୍ତି।

### ଏନ୍‌ଏସ୍‌ଏରେ ଗିରଫ ହେଲେ ବହୁ ମାମଲାର ଅଭିଯୁକ୍ତ

ଆସିକା,୧୯।୨(ସୁରେନ୍ଦ୍ରନାଥ ସାହୁ)
ଆସିକା ଥାନା ଅନ୍ତର୍ଗତ ନୂଆଗାଁ ଗ୍ରାମରୁ ବହୁ ଅପରାଧିକ ମାମଲାରେ ଜଡ଼ିତ ଥିବା ଜଣେ ଅଭିଯୁକ୍ତଙ୍କୁ ପୋଲିସ ଜାତୀୟ ନିରାପତ୍ତା ରକ୍ଷା ଆଇନ (ଏନ୍‌ଏସଏ) ରେ ଗିରଫ କରିଛି । ଅଭିଯୁକ୍ତ ଜଣକ ସେହି ଗ୍ରାମର ସୁନିଲ ନାୟକ ଓରଫ ସୁଲତାନ । ତାଙ୍କ ବିରୋଧରେ ଗଞ୍ଜାମ ଜିଲାର ଆସିକା, ବୁଗୁଡ଼ା ଓ ଅନ୍ୟାନ୍ୟ ଥାନା ଇଲାକାରେ ୭ଟି ଜଘନ୍ୟ ଅପରାଧିକ ମାମଲା ରହିଛି। ଅଞ୍ଚଳରେ ଶାନ୍ତି ରକ୍ଷା ସାଙ୍ଗକୁ ଭବିଷ୍ୟତରେ ଅପରାଧିକ କାର୍ଯ୍ୟକୁ ରୋକିବା ପାଇଁ ଗଞ୍ଜାମ ଜିଲାପାଳଙ୍କ ଏନ୍‌ଏସ୍‌ଏ ନଂ. ୯/୨୦୨୪ ଓ ଅଟକ ଆଦେଶ ନଂ.୨୮୮/୨୪ରେ ତାଙ୍କୁ ଗିରଫ କରାଯାଇଥିବା ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର ସୋମବାର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ଆସିକା ସବ୍‌ଜେଲକୁ ଚାଲାଣ କରାଯାଇଛି।

### କାର ସହ ଗଞ୍ଜେଇ ଜବତ, ୩ ଗିରଫ

ଆସିକା,୧୯।୨(ସୁରେନ୍ଦ୍ରନାଥ ସାହୁ)
ଆସିକା-ବାଲିପଦର ମୁଖ୍ୟ ରାସ୍ତାର ଦାସନାପଲ୍ଲୀ ଛକ ନିକଟରୁ ସୋମବାର ଏକ କାରରେ ବେଆଇନ୍ ଚାଲାଣ ହେଉଥିବା ୩୦ କେଜି ଗଞ୍ଜେଇ ସହ କାରକୁ କୋଦିନେଡ଼ା ପୋଲିସ ଜବତ କରିଛି । ଏହି ମାମଲାରେ ସୋମବାର ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ ପଶ୍ଚିମ ବଙ୍ଗର ମୁର୍ଶିଦାବାଦ ଜିଲାର ଲାଲଚାନ୍ଦ ଅଲି, ତାଜମୁଦିନ ମଣ୍ଡଲ ଓ ରାହୁଲ ଅମିନ। ଏ ନେଇ କୋଦିନେଡା ଥାନାରେ ନଂ. ୪୭/୨୪ରେ ମାମଲା ରୁଜୁ ହୋଇଛି।

### କଳ୍କିରାମ ମନ୍ଦିରର ଭୂମି ପୂଜନ ଉତ୍ସବ

ଆସିକା,୧୯।୨ (ସୁରେନ୍ଦ୍ରନାଥ ସାହୁ) – ଆସିକା ବ୍ଲକ ଅନ୍ତର୍ଗତ ସନ୍ଧିନୂଆପଲ୍ଲୀ ଗ୍ରାମରେ ସୋମବାର ଭଗବାନ କଳ୍କିରାମଙ୍କ ମନ୍ଦିରର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ସାମାଜିକ କର୍ମୀ ଭଗବାନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଆସିକା ଏମ୍‌ପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଟିନିଶିଙ୍କର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଶିବ ନାହାକ, ଜିଲାପରିଷଦ ସଦସ୍ୟା ତନ୍ମୟୀ ନାହାକ, ସୌଦାମିନି ନାୟକ, ସରପଞ୍ଚ ଜୟନ୍ତୀ ସାହୁ, ଗହଣ ଦଳର ଗଞ୍ଜାମ ବ୍ରହ୍ମପୁର ମଣ୍ଡଳ ସଭାପତି ଉତ୍ସବ ସାହୁ, ଅନୁସୂୟା ସାହୁ ଯୋଗଦେଇଥିଲେ।

# ଗୁଣି ସନ୍ଦେହରେ ହୋଇଥିଲା ହତ୍ୟା, ୧୧ ଗିରଫ



ଗିରଫ ଅଭିଯୁକ୍ତମାନେ।

**ହଳଦୀବାଡ଼ ହତ୍ୟା ଘଟଣା**

ବ୍ରହ୍ମପୁର,୧୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ଜରଡା ଥାନା ଅଧୀନ ହଳଦୀବାଡ ଗ୍ରାମରେ ଗତ ୧୦ ତାରିଖରେ ଗୁଣି ସନ୍ଦେହରେ ଗୁରୁବାରିଆ ଡାକୁଆଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାର ୯ ଦିନ ପରେ ପୋଲିସ ସୋମବାର ୧୧ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ହଳଦୀବାଡ଼ ଗ୍ରାମର ରଞ୍ଜନ ପ୍ରଧାନ, ସନ୍ୟାସୀ ଡାକୁଆ, ସନ୍ତୋଷ ଡାକୁଆ, ଭାଗ୍ୟ ଡାକୁଆ, ରାଜୁ ପ୍ରଧାନ, ବିଭୀଷଣ ପ୍ରଧାନ, ସୁଗ୍ରୀବ ଡାକୁଆ, ଶଙ୍କର ଡାକୁଆ, କୈଳାସ ଡାକୁଆ, ହରି ଡାକୁଆ, ତ୍ରିନାଥ ଡାକୁଆ। ସେମାନଙ୍କ ଠାରୁ ଆକ୍ରମଣରେ ବ୍ୟବହୃତ ୪ଟି ଠେଙ୍ଗାକୁ ମଧ ପୋଲିସ ଜବତ କରିଛି। ମାମଲା ନଂ.୬୧/୨୪ ରେ ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଖବରଦାତା ସମ୍ମିଳନୀରେ କହିଛନ୍ତି।

ଏସପି କହିଛନ୍ତି ଯେ, ଗୁରୁବାରିଆ ଗ୍ରାମବାସୀଙ୍କ ସହ ଝଗଡା କରିବା ସହ ଧମକ ଦେଉଥିଲେ। ତାଙ୍କ କାର୍ଯ୍ୟକଳାପ ଏବଂ ବ୍ୟବହାରରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଥିଲେ। କିଛିଦିନ ତଳେ ସେହି ଗ୍ରାମର ପ୍ରତାପ ଡାକୁଆ ନାମକ ଜଣେ ଯୁବକଙ୍କ କୌଣସି ରୋଗରେ ଜୀବନ ଯାଇଥିଲା। ପରମ୍ପରା ଅନୁସାରେ ତାଙ୍କର ଶୁଦ୍ଧିକ୍ରିୟାରେ ସମସ୍ତ ଗ୍ରାମବାସୀ ଯୋଗ ଦେଇଥିବା ବେଳେ ଗୁରୁବାରିଆ ଯୋଗ ଦେଇ ନ ଥିଲେ। ତେଣୁ ଗୁରୁବାରିଆ ଗୁଣି କରି ପ୍ରତାପଙ୍କୁ ହତ୍ୟା କରିଥିବା ନେଇ ଗ୍ରାମବାସୀଙ୍କ ସନ୍ଦେହ ହୋଇଥିଲା। ଗତ ୧୦ତାରିଖ ସକାଳେ ଅଭିଯୁକ୍ତମାନେ ଏକାଠି ହୋଇ ଗୁରୁବାରିଆଙ୍କ ଘରେ ପହଞ୍ଚିଥିଲେ। କୁରେଶ ନାୟକ ନାମକ ଜଣେ ବ୍ୟକ୍ତି ଗୁରୁବାରିଆଙ୍କୁ ଗାଁ ସଭାରେ ଯୋଗ ଦେବାକୁ ଡାକିଥିଲେ। କିନ୍ତୁ ସେ ମନା କରିବାରୁ, ଅଭିଯୁକ୍ତମାନେ ତାଙ୍କୁ ଘରୁ ବାହାରକୁ ଘୋଷାଡ଼ି ଆଣି ଆକ୍ରମଣ କରିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ପ୍ରମାଣ ନଷ୍ଟ କରିବା ପାଇଁ ମୃତଦେହକୁ ପୋଡି ଦେଇଥିଲେ ବୋଲି ଗୁରୁବାରିଆଙ୍କ ସ୍ତ୍ରୀ ଶ୍ରୀମନ୍ତି ଡାକୁଆ ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେଇଛି।

## ଏମ୍‌କେସିଜି ନିର୍ମାଣାଧୀନ କୋଠାରୁ ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମପୁର,୧୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲ କ୍ୟାମ୍ପସ ପିଜି କ୍ୟାଣ୍ଟିନ ସମ୍ମୁଖ ଏକ ନିର୍ମାଣାଧୀନ କୋଠାରୁ ବୈଦ୍ୟନାଥପୁର ଥାନା ପୋଲିସ ସୋମବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରିଛି। ସେ ହେଲେ କୋରାପୁଟ ଜିଲା ବୋରିଗୁମ୍ମା ଅଞ୍ଚଳର ଏମ. ଅବିନାଶ ଆଚାରୀ (୨୩)। ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲେ ମଧ ଘଟଣାର ବିଭିନ୍ନ ଦିଗକୁ ଦୃଷ୍ଟିରେ ରଖି ତଦନ୍ତ ଚାଲିଥିବା ବୈଦ୍ୟନାଥପୁର ଥାନା ଆଇଆଇସି ବାବା ଶଙ୍କର ସରାଫ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଏହା ହତ୍ୟା କି ଆତ୍ମହତ୍ୟା ସ୍ପଷ୍ଟ ହେବ। ଭିସେରା ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯିବ ବୋଲି ସେ କହିଛନ୍ତି। ଅବିନାଶଙ୍କ ବାପା ଏମ.ଶ୍ରୀନିବାସ ଆଚାରୀ ଓ ମା’ ବୋରିଗୁମ୍ମାରେ ଶିକ୍ଷକତା କରୁଛନ୍ତି। ଅବିନାଶ ଆଇଜରରେ ପଢ଼ିବା ପାଇଁ ପ୍ରସ୍ତୁତି କରୁଥିଲେ। ସେ ଗୋଇଲୁଣ୍ଡିର ଏକ ଘରୋଇ ହଷ୍ଟେଲରେ ରହୁଥିଲେ ।



ଗତ ୧୨ ତାରିଖରୁ ସେ ନିଖୋଜ ଥିବା ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଥିଲା। ସୋମବାର ପିଜି କ୍ୟାଣ୍ଟିନ ଆଗ ନିର୍ମାଣାଧୀନ କୋଠାରୁ ଦୁର୍ଗନ୍ଧ ବାହାରୁଥିବାରୁ ପୋଲିସ ସେଠାକୁ ଯାଇ ଯାଞ୍ଚ କରି ମୃତଦେହ ଜବତ କରିଥିଲା। ଅବିନାଶଙ୍କ ପକେଟରୁ ଗୋଟିଏ ମୋବାଇଲ ଫୋନ ମିଳିଛି। ଥାନାରେ ହୋଇଥିବା ଏମଏମଆରରେ ଥିବା ଫୋନ ନମ୍ବର ଏବଂ ମିଳିଥିବା ମୋବାଇଲ ନମ୍ବର ସମାନ ରହିଛି। ଯୁବକଙ୍କ ହାତରେ ଥିବା ରୁପା ବ୍ରେସଲେଟ ଓ ବେକରେ ଥିବା ବାଘନଖକୁ ଆଧାର କରି ପରିବାର ଲୋକ ମୃତଦେହ ଚିହ୍ନଟ କରିଥିଲେ । ପରେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ.୯୧/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ‘ଉମଙ୍ଗ’ ୪ର୍ଥ ଦିନରେ ନାଟକ ପରିବେଷଣ

ବ୍ରହ୍ମପୁର,୧୯।୨(ତନୁଶ୍ରୀ ନାହାକ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୩୭ତମ ଯୁବ ମହୋତ୍ସବ ‘ଉମଙ୍ଗ’ର ସୋମବାର ଚତୁର୍ଥ ଦିନରେ ୮ ପ୍ରତିଯୋଗିତା ହୋଇଥିଲା। ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ପୂର୍ବାହ୍ନରେ ବ୍ୟଙ୍ଗ ନାଟକ ପ୍ରତିଯୋଗିତାରେ ୯ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀମାନେ ନାଟକ ପ୍ରଦର୍ଶନ କରଥିଲେ। ଅପରାହ୍ନରେ ଆୟୋଜିତ ମିମିକ୍ରୀ ପ୍ରତିଯୋଗିତାରେ ୯ ବିଶ୍ୱବିଦ୍ୟାଳୟ ଅଂଶ ଗ୍ରହଣ କରିଥିଲେ। ସେହିପରି ଖେଳପଡ଼ିଆରେ ଶାସ୍ତ୍ରୀୟ ନୃତ୍ୟ ଓ ଲୋକବାଦ୍ୟ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୫ ବିଶ୍ୱବିଦ୍ୟାଳୟର ପ୍ରତିଯୋଗୀ ଯୋଗଦେଇଥିଲେ। ଖୋଲା ପଡିଆ ରଙ୍ଗମଞ୍ଚ ଭଞ୍ଜ ମଣ୍ଡପରେ ସୁଗମ ସଙ୍ଗୀତ ପ୍ରତିଯୋଗିତାରେ ୧୬ ବିଶ୍ୱବିଦ୍ୟାଳୟ ଭାଗ ନେଇ ସଙ୍ଗୀତ ପରିବେଷଣ କରିଥିଲେ। ସ୍କୁଲ ଅଫ ଏଜୁକେଶନରେ ପୋଷ୍ଟର ମେକିଂ ପ୍ରତିଯୋଗିତାରେ ୯ ବିଶ୍ୱବିଦ୍ୟାଳୟ ତାଙ୍କ କଳାକୃତି ଦେଖାଇଥିଲେ। ଏପଟେ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗରେ ଆୟୋଜିତ ମେହେନ୍ଦି ପ୍ରତିଯୋଗିତାରେ ୧୬ ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ।



କଳାକାରମାନେ ନାଟକ ପରିବେଷଣ କରୁଛନ୍ତି।

### ଭାଜପା-ବିଜେଡି ବାହାଘର କଲା କଂଗ୍ରେସ

କବିସୂର୍ଯ୍ୟନଗର,୧୯।୨(କୃପାସିନ୍ଧୁ ସ୍ୱାଇଁ)
କବିସୂର୍ଯ୍ୟନଗର କଂଗ୍ରେସ ପକ୍ଷରୁ ଭାଜପା-ବିଜେଡିର ବାହାଘର କରାଯାଇଛି। ଗୁଡ଼ିଆଲି ଛକଠାରେ ଭାଜପା ଓ ବିଜେଡିର ଦଳୀୟ ଚିହ୍ନ ମୁହଁରେ ଲଗାଇ ଫୁଲମାଳ ପିନ୍ଧାଇ ବିବାହ ହୋଇଥିଲା। ପୁରୋହିତ ମନ୍ତ୍ର ପାଠ କରିବା ସହିତ ଉପସ୍ଥିତ ବରଯାତ୍ରୀ ଏକ ହଜାରରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ବାଜା ବଜାଇ ନାଚିଥିଲେ । ଏହାର ନେତୃତ୍ୱ ନେଇଥିଲେ ବରିଷ୍ଠ କଂଗ୍ରେସ ନେତା ତଥା ସମାଜିକ କର୍ମୀ ଚିରଞ୍ଜିବୀ ବିଷୋୟୀ । ସେ କହିଥିଲେ ରାଜ୍ୟସଭା ସଦସ୍ୟ ପାଇଁ ବିଜେଡି ଭାଜପାକୁ ସମର୍ଥନ ଦେଇଥିବାରୁ ଦୁଇ ଦଳ ମଧ୍ୟରେ ସମ୍ପର୍କ ରହିଛି। କାର୍ଯ୍ୟକ୍ରମରେ କବିସୂର୍ଯ୍ୟନଗର ବ୍ଲକ କଂଗ୍ରେସ ସଭାପତି ଶରତ ଚନ୍ଦ୍ର ଦାସ, କବିସୂର୍ଯ୍ୟନଗର ନଗର କଂଗ୍ରେସ ସଭାପତି ବସନ୍ତ ଗୌଡ଼, ବରିଷ୍ଠ କଂଗ୍ରେସ ଉପଦେଷ୍ଟା ଧରିଣୀଧର ବେହେରା, ଶ୍ରୀନିବାସ ପ୍ରଧାନ, ରବି ବିଷୋୟୀ ଆଦି ଶତାଧିକ କର୍ମୀ ଯୋଗ ଦେଇଥିଲେ।

### ନାଟକ ବିଜୟୀ ପାଣ୍ଡବ ଉଦ୍‌ଘାଟିତ

ଭଞ୍ଜନଗର,୧୯।୨(ବାବୁଲା ପ୍ରଧାନ)
ଭଞ୍ଜନଗର ବ୍ଲକ ଗୋଲାପଡ଼ା ଗ୍ରାମରେ ସୋମବାର ସଂଧ୍ୟାରେ ନାଟକ ବିଜୟୀ ପାଣ୍ଡବ ଉଦଘାଟିତ ହୋଇଯାଇଛି। ଗୋଲାପଡ଼ା ମା ଗ୍ରାମଦେବତୀ ନାଟ୍ୟ ସଂଘ ପୂର୍ବ ପାଟି ପକ୍ଷରୁ ଏହି କାର୍ଯ୍ୟକ୍ରମ ହୋଇଥିଲା। ସଭାପତି-ଭକ୍ତରାମ ଜେନା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମାଜସେବୀ ସନ୍ତୋଷ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକ କୁ ଉଦଘାଟନ କରିଥିଲେ । ବ୍ଲକ ଅଧ୍ୟକ୍ଷ ନରି ସଭା ନାୟକ ସ୍ୱତନ୍ତ୍ର ଅତିଥି ଏବଂ ଶୁଳପାଣୀ ଶତପଥୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବାଣାୟତ ଓଡିଆ ସମାଜ ସଭାପତି ଭବାନି ଶଙ୍କର ମଳିକ, କୁଲୁ ଭୂୟାଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ନାଟ ଶିକ୍ଷକ ବଳରାମ ବିଷୋୟୀ, ନାଟ୍ୟ ପରିଚାଳନା ବିନୋଦ ସେଠୀ, ସନ୍ତୋଷ ମହାନ୍ତି ,ସୁବାସ ଜେନା, ଶୁସାନ୍ତ ଡାକୁଆ,ଅଧିକାରୀ ଶତ୍ରୁଘନ ନାୟକ, ରଚନା ଅର୍ଜୁନ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ଅରକ୍ଷିତ ପରିଚ୍ଛା ସଭାକୁ ସଂଯୋଜନା କରିଥିଲେ।

## ବେଆଇନ ସେନା ୟୁନିଫର୍ମ କପଡ଼ା ବିକ୍ରି
### ୪୮୮ ମିଟର କପଡ଼ା ଜବତ



ବ୍ରହ୍ମପୁର,୧୯।୨(ସୁବାସ ଚନ୍ଦ୍ର ପାଢ଼ୀ)

ଭାରତୀୟ ସେନାର ଗୋଇନ୍ଦା ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ ବ୍ରହ୍ମପୁର ପୋଲିସ ସୋମବାର ପୁରୁଣା ବସଷ୍ଟାଣ୍ଡ ନିକଟରେ ଥିବା ଗଞ୍ଜାମ ଗ୍ୟାଲେକ୍ସି ନାମକ ଏକ କପଡ଼ା ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ବେଆଇନ ଭାବେ ବିକ୍ରି ହେଉଥିବା ସେନା ୟୁନିଫର୍ମ କପଡ଼ା ଜବତ କରାଯାଇଛି। ପୋଲିସ ଉକ୍ତ ଦୋକାନ ମାଲିକଙ୍କୁ ପଚରାଉଚରା ପରେ ଧାରା ୪୧ ପ୍ରକାରେ ଛାଡ଼ିଦେଇଛି।

ଗୋପାଳପୁର ଆର୍ମି ଏଡି କଲେଜର ଜଣେ ଅଧିକାରୀ ଆର୍. ଡାଙ୍ଗି ବ୍ରହ୍ମପୁର ଆସିଥିବା ବେଳେ ଗଞ୍ଜାମ ଗ୍ୟାଲେକ୍ସି ଷ୍ଟୋରରେ ସେନାର ନୂଆ ୟୁନିଫର୍ମ କପଡ଼ା ବିକ୍ରି ହେଉଥିବା ଦେଖିବାକୁ ପାଇଥିଲେ। ଏହି ଅତ୍ୟାଧୁନିକ ୟୁନିଫର୍ମ ୨୦୨୨ ଜାନୁଆରୀ ୧୫ ତାରିଖରୁ ପ୍ରସ୍ତୁତ ହୋଇଛି। ଏହାର ଯେପରି ଦୁରୁପଯୋଗ ନ ହୁଏ, ସୁରକ୍ଷା ଦୃଷ୍ଟିରୁ ଏହି ପୋଷାକର ପ୍ରସ୍ତୁତି ଏବଂ ବିକ୍ରି ପାଇଁ ଇଣ୍ଟେଲେକଚୁଆଲ ପ୍ରପର୍ଟି ରାଇଟ୍ସ (ଆଇପିଆର୍) କେବଳ ଆର୍ମି ପାଖରେ ରହିଛି। ତେଣୁ ଏହା କେବଳ ଆର୍ମି କ୍ୟାଣ୍ଟିନରେ ବିକ୍ରି କରାଯିବା ନିୟମ ରହିଛି। ଅଧିକାରୀଙ୍କ ଅଭିଯୋଗ ପ୍ରକାରେ ଟାଉନ ଥାନା ପୋଲିସ ଗଞ୍ଜାମ ଗ୍ୟାଲେକ୍ସିରେ ଚଢ଼ାଉ କରିଥିଲା। ସେଠାରୁ ୪୮୮ ମିଟର ସେନା ୟୁନିଫର୍ମ କପଡ଼ା ଜବତ କରିଥିଲା, ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୨୦ହଜାର ଟଙ୍କା ହେବ। ତେବେ ଏହି କପଡା ଦୋକାନ ମାଲିକ କୋଲକାତାରୁ ଆଣିଥିବା ଜେରା ବେଳେ କହିଥିଲେ। ଏହା ଲୁଧିଆନାରେ ପ୍ରସ୍ତୁତ ହୋଇ କୋଲକାତାକୁ ଆସିଥାଏ ବୋଲି ସୂଚନା ଦେଇଥିଲେ। ଉକ୍ତ କପଡ଼ା ବାହାରେ ବିକ୍ରି ନିଷେଧ ବୋଲି ସେ ଜାଣି ନ ଥିବା କହିଛନ୍ତି। ପୋଲିସ ଏହାର ଅଧିକ ତଦନ୍ତ ଜାରି ରଖିଛି।

## ବିଦ୍ୟାଳୟ ତାଲା ଖୋଲିଲାନି, ବାହାରେ ଛାତ୍ରୀଛାତ୍ର



ଛାତ୍ରୀଛାତ୍ରମାନେ ସ୍କୁଲ ବାହାରେ ବସିଛନ୍ତି।

ସୋରଡା,୧୯।୨(ଲମ୍ବୋଦର ପାଣିଗ୍ରାହୀ)

ସୋରଡ଼ା ବ୍ଲକ ପଦ୍ମପୁର ଗ୍ରାମ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଫାଟକରୁ ସୋମବାର ପୂର୍ବାହ୍ନ ୧୧ଟା ଯାଏଁ ତାଲା ଖୋଲି ନ ଥିବାରୁ ଛାତ୍ରୀଛାତ୍ରମାନେ ବାହାରେ ବସିଥିଲେ। ଏହା ଜାଣିବା ପରେ ଗ୍ରାମବାସୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟମାନେ ସେଠାରେ ପହଞ୍ଚିଥିଲେ। ବିଦ୍ୟାଳୟ ଚାବି କାହା ପାଖରେ ଅଛି ବିଚାରବିମର୍ଷ ଚାଲିଥିଲା। ଖବରପାଇ ଏବିଇଇ ସୁଶିଳା ପାତ୍ର ଘଟଣାସ୍ଥଳକୁ ସାଧନ ସଂଯୋଜକ ଭାବଗ୍ରାହୀ ମହାପାତ୍ରଙ୍କୁ ପଠାଇଥିଲେ। ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ଠିକ୍ ସମୟରେ ଆସୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସୋମବାର ସେ ଅନୁପସ୍ଥିତ ଥିବାବେଳେ ବିଦ୍ୟାଳୟ ଚାବି ଅନ୍ୟ କାହାକୁ ଦେଇ ଦେଇଥିଲେ। ତେଣୁ ଠିକ୍ ସମୟରେ ବିଦ୍ୟାଳୟ ଖୋଲି ପାରି ନ ଥିବା ଜଣାପଡିଥିଲା। ସାଧନ ସଂଯୋଜକ ମହାପାତ୍ର ଲୋକଙ୍କୁ ବୁଝାଶୁଝା କରିବା ପରେ ତାଲା ଖୋଲାଯାଇଥିଲା । ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନବୀନ ବାଡତ୍ୟା ସ୍ଥାନୀୟ ଶିକ୍ଷା କାର୍ଯ୍ୟାଳୟକୁ ଆସି ଘଟଣା ବିଷୟରେ ଅଭିଯୋଗ କରିବାକୁ ଆସିଥିବା ଜଣାପଡିଛି।

## କଳିଙ୍ଗ ସାହିତ୍ୟ ସମାଜର ଆସର

ବ୍ରହ୍ମପୁର,୧୯।୨(ସ୍ମୃତି ରଞ୍ଜନ ମହାଲିକ)

କଳିଙ୍ଗ ସାହିତ୍ୟ ସମାଜ ପକ୍ଷରୁ ଚଳିତ ମାସର ସାହିତ୍ୟ ଆସର ଉତ୍କଳ ଆଶ୍ରମ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପସଭାପତି ଡ ବନମାଳୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କବି ଭିକାରୀ ଚରଣ ମହାପାତ୍ର ଓ ଶିକ୍ଷାବିତ ଶ୍ୟାମ ସୁନ୍ଦର ଖାଡଙ୍ଗା ଅତିଥି ଥିଲେ। ଜୀବନରେ ସାହିତ୍ୟର ଉପଯୋଗିତା ସଂପର୍କରେ ସାହିତ୍ୟିକମାନେ କହିଥିଲେ। କବୟିତ୍ରୀ ପଦ୍ମିନୀ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଆସରରେ ହୃଷୀକେଶ ଦାଶ, ଅନୁପ କୁମାର ମିଶ୍ର, ଶରତ କୁମାର ଦାସ, ନୀଳକଣ୍ଠ ସାହୁ ଓ କପିଳ ଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଏଥିସହ ପଦ୍ମାଳୟା ପାଢି, ଭାଗ୍ୟଲକ୍ଷ୍ମୀ ମହାରଣା ଓ ସ୍ୱର୍ଣ୍ଣମୟୀ ପାଢି ପ୍ରମୁଖ କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ସାହିତ୍ୟ ସମାଜର ସଂପାଦକ ନଳିନୀକାନ୍ତ ଗୌଡ ଧନ୍ୟବାଦ ଦେଇଥିଲେ।

# ଗଞ୍ଜାମ ଜିଲା କଂଗ୍ରେସରେ କନ୍ଦଳ

ବ୍ରହ୍ମପୁର,୧୯।୨(ନରସିଂହ ସାହୁ)

ଗଞ୍ଜାମ କଂଗ୍ରେସ ସଂଗଠନ ବିଭାଜିତ ହୋଇ ପୂର୍ବ ଓ ପଶ୍ଚିମ ଜିଲା ସଂଗଠନ ଗଠନ ସହ ୨ ନୂଆ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ନୂଆ ସଭାପତି ଦ୍ୱୟ କାର୍ଯ୍ୟଭାର ଗ୍ରହଣ କରିସାରିଛନ୍ତି। ଗତ ୧୧ ତାରିଖରେ ପ୍ରଦେଶ କଂଗ୍ରେସ ପକ୍ଷରୁ ବିଭାଜନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଠିକ୍ ସପ୍ତାହକ ପରେ ୧୯ ତାରିଖ ସୋମବାର ବିସ୍ଫୋରକ ସ୍ଥିତି ଆରମ୍ଭ ହୋଇଛି। ଶତାଧିକ କର୍ମୀ କଂଗ୍ରେସ ଭବନ ଘେରାଉ ଓ ବିକ୍ଷୋଭ ପାଇଁ ଭୁବନେଶ୍ୱର ଯାଇଛନ୍ତି। ସକାଳେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ସନ୍ଧ୍ୟାରେ ଆଲୋଚନା ଓ ସମସ୍ୟା ସମାଧାନ ପାଇଁ ସେ ଆଶ୍ୱାସନା ଦେଇଥିଲେ। ତେବେ ଏହାର ନେତୃତ୍ୱ କିଏ ନେଇଛନ୍ତି ଆଲୋଚନା ବେଳେ କର୍ମୀମାନେ ଗୋପନ ରଖିଛନ୍ତି।

ଆଉ ମାତ୍ର ଅଳ୍ପ ଦିନ ପରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ କଂଗ୍ରେସର ଏଭଳି କନ୍ଦଳ ବିଜେଡି ଓ ଭାଜପାକୁ ସୁହାଇବ ବୋଲି ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କେତେକ କର୍ମୀ କହିବାନୁସାରେ ପୂର୍ବ ଜିଲା କଂଗ୍ରେସ ସଭାପତି ଦଳରୁ ନିଲମ୍ବିତ ହୋଇଥିଲେ। ସପ୍ତାହକ ପୂର୍ବରୁ ପ୍ରତ୍ୟାହାର ପରେ ତାଙ୍କୁ ସଭାପତି କରାଯାଇଛି। ସେହିପରି ପଶ୍ଚିମ ଜିଲା ସଭାପତି ବିଜେଡିରେ ଥିଲେ ଏବଂ ସେହି ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ। ଫଟୋ ଥିବା ଏକାଧିକ ପ୍ରମାଣ ଧରି ଆସିକା ଅଞ୍ଚଳର କର୍ମୀ ପିସିସି ଅଫିସକୁ ଯାଇଛନ୍ତି। ଉଭୟ ସଭାପତିଙ୍କୁ ହଟାଇବା ଦାବିରେ କର୍ମୀ ଅଟଳ ରହିଛନ୍ତି। ସୂଚନାଯୋଗ୍ୟ ଦୁଇ ଦଶନ୍ଧି ପୂର୍ବରୁ ଗଞ୍ଜାମ ଜିଲାରେ କଂଗ୍ରେସ ଦୁର୍ଗ ଭୁଶୁଡ଼ି ଯାଇଛି। ୨୦୧୪ ନିର୍ବାଚନରେ ଜିଲାର ୧୩ଟି ଯାକ ବିଧାନସଭା କ୍ଷେତ୍ରରେ କଂଗ୍ରେସ ମୂଳପୋଛ ହୋଇଯାଇଥିଲା। ୧୯ ନିର୍ବାଚନରେ ନିଜସ୍ୱ ସଂଗଠନ ଯୋଗୁ କଂଗ୍ରେସରୁ ବିଧାୟକ ହୋଇଛନ୍ତି ରମେଶ ଜେନା। ୨୦୨୦ରୁ ତାଙ୍କୁ ଜିଲା କଂଗ୍ରେସ ସଭାପତି କରାଯାଇଥିଲା। ସଂଗଠନ ବିଭାଜନ ସମ୍ପର୍କରେ ତାଙ୍କୁ ନ ଜଣାଇ ଘୋଷଣା କରାଯାଇଥିବା କର୍ମୀଙ୍କ ପକ୍ଷରୁ ଆଉ ଏକ ଅଭିଯୋଗ ହୋଇଛି। ଗତ ପୌର ଓ ପଞ୍ଚାୟତ ନିର୍ବାଚନରେ ମଧ ଜିଲାରେ କଂଗ୍ରେସର ଦାରୁଣ ବିପର୍ଯ୍ୟୟ ଘଟିଥିବା ତଥ୍ୟ ରହିଛି। ସୋମବାର ବ୍ରହ୍ମପୁର, ଆସିକା, ଛତ୍ରପୁର ଓ ଅନ୍ୟ ସ୍ଥାନରୁ ବହୁ ସଂଖ୍ୟକ ବସ ଯୋଗେ କର୍ମୀଙ୍କୁ ଭୁବନେଶ୍ୱର ନିଆଯାଇଛି। କାହାର ଇଙ୍ଗିତରେ ଏହି କାର୍ଯ୍ୟକ୍ରମ ହୋଇଛି ତାହା ରହସ୍ୟ ଘେରରେ ରହିଛି।

# ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା: ଅରିଜିତଙ୍କୁ ମିଷ୍ଟର ଓଡ଼ିଶା ଟାଇଟଲ

ବ୍ରହ୍ମପୁର,୧୯।୨(ତନୁଶ୍ରୀ ନାହାକ)
ରାଜ୍ୟ ବଡ଼ିବିଲ୍ଡିଂ ଆସୋସିଏଶନ ଓ ଗଞ୍ଜାମ ଆମେଚର ବଡ଼ି ବିଲ୍ଡିଂ ଆସୋସିଏଶନ ମିଳିତ ଆନୁକୂଲ୍ୟରେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରିଜିତ ଜେନା ମିଷ୍ଟର ଓଡ଼ିଶା-୨୦୨୪ ଟାଇଟଲ ହାସଲ କରିଛନ୍ତି। ୧୩ ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ସମସ୍ତଙ୍କୁ ପଛରେ ପକାଇ ଅରିଜିତ ଏହି ଟାଇଟଲର ଅଧିକାରୀ ହୋଇପାରିଛନ୍ତି। ଏଥିସହ ସେ ୯୦ କେଜି ବର୍ଗରେ ମଧ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ମିଷ୍ଟର ଓଡ଼ିଶା ପ୍ରଥମ ରନର୍ସ ଅପ ଭାବେ ନବରଙ୍ଗପୁର ଜିଲାର ଶଶାଙ୍କ ଶେଖର ସାହୁ ବେଷ୍ଟ ଇମ୍ପ୍ରୁଭଡ଼ ବଡ଼ି ଓ ଗଞ୍ଜାମ ଜିଲାର ଜିତେନ୍ଦ୍ର କୁମାର ପଲାଇ ବେଷ୍ଟ ପୋଜର ଭାବେ ପୁରସ୍କୃତ ହୋଇଛନ୍ତି।




ମହିଳା ବଡି ବିଲ୍ଡରଙ୍କୁ ପୁରସ୍କୃତ କରାଯାଉଛି।

୬୫ କେଜି କାଟାଗୋରୀରେ ଚିକୁନ ମହାନ୍ତି କାଂସ୍ୟ, ଶେଖ ଜଲାଲ ରୌପ୍ୟ, ରାମଚନ୍ଦ୍ର ଖରସୁଆ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେହିପରି ୭୦ କେଜି ବର୍ଗରେ ସତ୍ୟନାରାୟଣ ସାହୁ, ବାଦଲ ବେହେରା, ଶଶାଙ୍କ ଶେଖର ସାହୁ, ୭୫ କେଜି ବର୍ଗରେ ଅସିତ ଦତ୍ତ, ସତ୍ୟ ମହାରଣା, ପ୍ରଫୁଲ୍ଲ ସାହୁ, ୮୦ କେଜି ବର୍ଗରେ ଅମିତ କୁମାର ଭୂୟାଁ, ସଂଗ୍ରାମ ମୁଣ୍ଡା, ଜିତେନ୍ଦ୍ର ପଲାଇ, ୮୫ କେଜି ବର୍ଗରେ ପାର୍ଥସାରଥୀ ଜେନା, ରାଜେଶ କୁମାର ଆଚାର୍ଯ୍ୟ, ଅମିୟ ରଞ୍ଜନ ସେଠୀ, ୯୦ କେଜି ବର୍ଗରେ ଅର୍ଣ୍ଣବ ଜୟସ୍ୱାଲ ସାହୁ, ବିଶ୍ୱଜିତ ପ୍ରତିହାରୀ, ଅରିଜିତ ପ୍ରତିହାରୀ ଏବଂ ମହିଳା ଓପନ୍‌ରେ ଅନୁପମା ସାହୁ, ପ୍ରଯକ୍ତା ଦାସ, ଶୁଭଶ୍ରୀ ସାହୁ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ଅଧିକାର କରି କାଂସ୍ୟ, ରୌପ୍ୟ ଓ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଗଂଜାମ ଜିଲା ଆମେଚର ବଡ଼ି ବିଲ୍ଡିଂ ସଂଘ ସମ୍ପାଦକ ରାଜେଶ ବାବୁ ଆଚାରୀ କହିଛନ୍ତି।

